# Akashvani, Sambalpur

## SAMBALPURI NEWS EVENING BULLETIN

**26 October 2024- 7.02 pm- 7.12 pm.**

*********************************************

୧- ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର ଶହେ ୧୫ ନମ୍ବର୍ ସଂସ୍କରଣ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସାଙ୍ଗେ ଭାବ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ବାତ୍ୟା ଦାନା ଉତ୍‌ରର୍ ଥିତି ଆର୍ ପୁନରୁଦ୍ଧାର୍ କାମ୍‌ର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୩- ବାତ୍ୟା ଦାନା ଲାଗି ହେଇଥିବା ଫସଲ୍ କ୍ଷୟକ୍ଷତିର ସମୀକ୍ଷା କଲେ କୃଷିମନ୍ତ୍ରୀ ।

- କହେଲେ ଚାଷୀମାନ୍‌କର୍ ଯାହା ଅଧିକାର୍ ସେମାନେ ନିର୍ଶ୍ଚିତ୍ ପାଏବେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ

ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ଏସ୍‌ଆର୍‌ସି- ବାତ୍ୟା ସମୀକ୍ଷା ପ୍ରେସ୍ ରିଲିଜ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ନ ବାତ୍ୟା ଦାନା ଉତ୍‌ରର୍ ଥିତି ଆଉ ପୁନରୁଦ୍ଧାର୍ କାମ୍‌ର ଆଏଜ୍ ସମୀକ୍ଷା କରିଛନ୍ । ଇ ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ୍ ସଚିବ ମନୋଜ୍

ଆହୁଜା, ଉନ୍ନୟନ୍ କମିଶନର୍ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କର୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ନିକୁଞ୍ଜ ବିହାରୀ ଧଳ ଆର୍ ଏସ୍ଆର୍ସି ଡି.କେ. ସିଂ ଉପସ୍ଥିତ୍ ଥିଲେ । ବୈଠକ୍‌ଥି ପୁନରୁଦ୍ଧାର୍ କାମ୍‌କେ ଜବର୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଥିବାର୍ ଜନାପଡ଼ିଛେ । ସେଆଡ଼େ ଉନ୍ନୟନ୍ କମିଶନ୍‌ର ତଥା ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଭୁବ୍‌ନେଶ୍ୱର୍ ନ ଥିବା ସେଚ ସଦନ୍‌ର ବନ୍ୟା ନିୟନ୍ତ୍ରଣ କକ୍ଷ ନ ବାତ୍ୟା ଉତ୍‌ରର୍ ଥିତି ସମୀକ୍ଷା କରିଛନ୍ । ଇ ବୈଠକ୍‌ଥି ଜଲ୍‌ସମ୍ପଦ୍ ବିଭାଗ୍‌ର ଉଚ୍ଚପଦାଧିକାରୀମାନେ ଯୋଗ୍ ଦେଇଥିଲେ ।

ବାତ୍ୟା- ଉପମୁଖ୍ୟମନ୍ତ୍ରୀ ପ୍ରେସ୍ ରିଲିଜ୍

ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ବାତ୍ୟା 'ଦାନା' ଲାଗି ହେଇଥିବା ଫସଲ୍ କ୍ଷୟକ୍ଷତି ଉପ୍‌ରେ ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍ ଆଏଜ୍ ହେଇଯାଇଛେ । ବର୍ଷା କମ୍‌ବାର୍ ଉତ୍‌ରୁ ଅଧିକାରୀମାନେ ଗ୍ରାଉଣ୍ଡ୍‌କେ ଯାଇକରି କ୍ଷୟକ୍ଷତିର ଜିଓ ଟେଗିଂ ରିପୋର୍ଟ ବିଭାଗ୍‌କେ ଦେବେ । ସେ ରିପୋର୍ଟ୍‌କେ ଆଧାର୍ କରିକରି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ

ଦର୍‌କାରୀ ନିଷ୍ପତି ନିଆଯିବା ବଲି କୃଷିମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ । ଚାଷୀମାନ୍‌କର୍ ଯାହା ଅଧିକାର୍ ସେମାନେ ନିଶ୍ଚିତ ପାଏବେ ଆଉ ସେଟାକେ ଯୁଗେଇ ଦେବାର୍‌କେ ସର୍‌କାର୍ ପୁରା ତୟାର୍ ଅଛନ୍ ବଲି ମନ୍ତ୍ରୀ କହିଛନ୍ । ସୂଚ୍‌ନା ଅନ୍‌ସାରେ ବାତ୍ୟା ଦାନା ଲାଗି କେନ୍ଦ୍ରାପଡ଼ା, ଭଦ୍ରକ୍, ବାଲେଶ୍ୱର୍, ଯାଜ୍‌ପୁର୍, ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ଚାଷ୍ ଜମିଥି ପାଏନ୍ ମାଡ଼ିକରି ନୁକ୍‌ସାନ୍ ହେବାର୍ ଆକଲନ୍ କରାଯାଇଛେ । କ୍ଷୁଦ୍ର ଆଉ ନାମମାତ୍ର ଚାଷୀ ଯେନ୍‌ମାନ୍‌କର୍ ପାଖେ ଦୁଇ ହେକ୍ଟର୍‌ତକ୍ ଚାଷ୍ ଜମି ଥିବା ଆର୍ ପ୍ରାକୃତିକ ବିପର୍ଯ୍ୟୟ ଲାଗି ୩୩ ପ୍ରତିଶତ୍‌ନୁ ଅଏତ୍‌କା ଫସଲ୍ ନୁକ୍‌ସାନ୍ ହେଇଥିବା ସେମାନ୍‌କୁ ସର୍‌କାର୍‌ଙ୍କର୍ ଧାରିଜ୍ ସାହାଜ୍ ହିସାବେ ରେନ୍‌ଫେଡ୍ ଇଲାକା ନ ହେକ୍ଟର୍ ପିଛା ୮ ହଜାର୍ ୫ ଶହ ଟଙ୍କା ଆର୍ ନିଶ୍ଚିତ ଜଲ୍‌ସେଚନ୍ ଇଲାକା ନ ହେକ୍ଟର୍ ପିଛା ୧୭ ହଜାର୍ ଟଙ୍କା ଆଉ ବାରମାସି ଫସଲ୍ ଲାଗି ହେକ୍ଟର୍ ପିଛା ୨୨ ହଜାର୍ ୫ ଶହ ଟଙ୍କା ରହିଛେ । ସବୁ ତଥ୍ୟ ମିଲ୍‌ବାର୍ ଉତ୍‌ରୁ ସର୍‌କାର୍ ଇ ଦିଗେ ନିଷ୍ପତି ନେବେ ବଲି ବିଭାଗୀୟ ସଚିବ ଡକ୍ଟର୍ ଅରବିନ୍ଦ କୁମାର୍ ପାଢ଼ୀ କହିଛନ୍ ।

୪ ଝନ୍ ସର୍‌କାରୀ କର୍ମଚାରୀ ନିଲମ୍ବନ ପ୍ରେସ୍ ରିଲିଜ୍

ବାତ୍ୟା ସମିଆଥି ଦାୟିତ୍ୱ ଖିଲାପ୍ ସହେତେ ଲୋକ୍‌ମାନ୍‌କୁ ଦୁର୍ବବ୍ୟହାର କରିଥିବାର୍‌ନୁ ୪ ଝନ୍ ସର୍‌କାରୀ କର୍ମଚାରୀଙ୍କୁ ରାଜ୍ୟ ସର୍‌କାର୍ ନିଲମ୍ବନ୍ କରିଛନ୍ । ଇ ବାବ୍‌ଦେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ ଯେ, ବାତ୍ୟା ଦାନାର ମୁକାବିଲା ସମିଆଥି ୪ ଝନ୍ ଅଧିକାରୀ ଲୋକ୍‌ମାନ୍‌କୁ ଦୁର୍ବବ୍ୟହାର କରିଥିବାର୍ ଅଭିଯୋଗ୍ ହେଇଥିଲା । ଇ ଘଟ୍‌ନାର୍ ସତ୍ୟାସତ୍ୟ ଯାଂଚ୍ କର୍‌ବାର୍ ଉତ୍‌ରୁ ସେମାନ୍‌କୁ ନିଲମ୍ବିତ କରାଯାଇଛେ । ଇମାନ୍‌କର୍ ଭିତ୍‌ରେ ୩ ଝନ୍ ପଂଚାୟତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଆଉ ଝନେ ରାଜସ୍ୱ ନିରୀକ୍ଷକ ଅଛନ୍ । ସେ ଆହୁରି କହିଛନ୍ ଯେ, ବାତ୍ୟା ସମିଆଥି ଯେନ୍‌ମାନେ ଅସହାୟ ଲୁକ୍‌କୁ ସାହାଜ୍ କରିକରି ନିଜର୍ ଦାୟିତ୍ୱ ଠିକ୍ ଭାବେ ତୁଲେଇଛନ୍ ସେମାନ୍‌କୁ ପୁରସ୍କୃତ କରାଯିବା ।

ବାତ୍ୟା-ବିଦ୍ୟାଳୟ ଆଉ ଗଣଶିକ୍ଷା ସଚିବ ପ୍ରେସ୍ ରିଲିଜ୍

ବାତ୍ୟା ଦାନା ପ୍ରଭାବ୍‌ଥି ସ୍କୁଲ୍ କୋଠା ଆର୍ ଭିତିଭୂମି ନୁକ୍‌ସାନ୍ ହେଇଥିଲେ । ଜଲ୍‌ଦି ରିପୋର୍ଟ କର୍‌ବାର୍‌କେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ସଚିବ ଶାଳିନୀ ପଣ୍ଡିତ ଜିଲ୍ଲା ଶିକ୍ଷା

ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର୍, କେନ୍ଦ୍ରାପଡ଼ା, କଟକ୍, ମୟୁରଭଞ୍ଜ୍, ଭଦ୍ରକ୍, ବାଲେଶ୍ୱର୍, ଗଞ୍ଜାମ୍, କେନ୍ଦୁଝର୍, ଢେଙ୍କାନାଲ୍, ଯାଜ୍‌ପୁର୍, ଅନୁଗୁଲ୍ ଆର୍ ନୟାଗଡ୍‌ର ଜିଲ୍ଲା ଶିକ୍ଷାଅଧିକାରୀମାନ୍‌କୁ ଇ ବାବ୍‌ଦେ ରିପୋର୍ଟ ମଗାଯାଇଛେ । ଇତାର୍‌ସହେତେ ଜିଲ୍ଲାପାଲ୍‌ମାନ୍‌କୁ ଭିଲ୍ ଇ ବାବ୍‌ଦେ ଜନେଇ ଦିଆଯାଇଛେ ।

ବରିଷ୍ଠ ଆଇଏଏସ୍ ସୁଶୀଲ୍ କୁମାର୍ ଲୋହାନୀ ପ୍ରେସ୍ ରିଲିଜ୍

୧୯୯୫ ମସିହା ଓଡ଼ିଶା କେଡ଼ରର୍ ବରିଷ୍ଠ ଆଇଏଏସ୍ ସୁଶୀଲ୍ କୁମାର୍ ଲୋହାନୀ କେନ୍ଦ୍ରୀୟ ଡେପୁଟେସନ୍‌ଥି ଯିବେ । କେନ୍ଦ୍ର ପଂଚାୟତିରାଜ୍ ମନ୍ତ୍ରଣାଳୟର୍ ଅତିରିକ୍ତ ସଚିବ ଭାବେ ସେ ଦାୟିତ୍ୱ ତୁଲାବେ । କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ତର୍‌ଫୁ ଇ ବାବ୍‌ଦେ ବିଜ୍ଞପ୍ତି ବାହାରିଛେ । ଇନ ଜନେଇ ଦିଆଯାଇପାରେ ଯେ, ଶ୍ରୀ ଲୋହାନୀ ଏଛେନ୍ ରାଜ୍ୟ ପଂଚାୟତିରାଜ୍ ବିଭାଗ୍‌ର ପ୍ରମୁଖ ସଚିବ ଭାବେ କାମ୍ କରୁଛନ୍ ।

ମୃତିକା,ଜଳ ସଂରକ୍ଷଣ୍-ତାଲିମ୍ କାର୍ଯ୍ୟକ୍ରମ୍/ଦେବ୍ଗଡ଼୍
ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲାର୍ ରିଆମାଲ୍ ବ୍ଲକ୍ ଅଧୀନ୍ ବୈଷ୍ଣବ ଖୋଲ୍ ଚିରଗୁଣିକୁଦର୍ ବ୍ରାହ୍ମଣ୍ପାଲି ଜଳବିଭାଜିକା ଇଲାକା ନ ମୃତିକା ଆଉ ଜଳ ସଂରକ୍ଷଣ୍ ବାବ୍ଦେ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ଆଏଜ୍ ହେଇଯାଇଛେ । ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ୍ ରିଓ୍ୱାର୍ଡ ପ୍ରକଳ୍ପ ଜରିଏ ଇ ଜଳ ବିଭାଜିକା ଇଲାକା ହେଇଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ବାବ୍ଦେ ଚାଷୀମାନ୍କୁ ଅବଗତ ଜନାଯାଇଛେ । ଇ ତାଲିମ୍ କାର୍ଯ୍ୟକ୍ରମ୍ଥି ୫୦ ନୁ ଅଏତ୍କା ଚାଷୀ ଯୋଗ୍ ଦେଇଥିଲେ । ଇ କାର୍ଯ୍ୟକ୍ରମ୍ ଦେବ୍ଗଡ଼୍ ଜିଲ୍ଲାର୍ ୧୮ ଟା କ୍ଷୁଦ୍ର ଜଳ ବିଭାଜିକା ନ ଆଏବା ୨୮ ତାରିଖ୍ତକ୍ ଚାଲ୍ବା ।

ଦେବ୍ଗଡ଼୍ ସ୍ୱାସ୍ଥ୍ୟବିଭାଗ୍-ସଚେତନ୍ତା ବୈଠକ୍ ଦେବ୍ଗଡ଼୍

ଦେବ୍ଗଡ଼୍ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ଜିଲ୍ଲାପାଳ୍ଙ୍କର୍ କାର୍ଯ୍ୟାଳୟ ନ ମେଲେରିଆ, ଫାଇଲେରିଆ, ଟି.ବି. ଆର୍ କୁଷ୍ଠରୋଗ ସଚେତନତା ବାବ୍ଦେ ଗୁଟେ ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ

ଅଧ୍ୟକ୍ଷତା କରିଥିବାର୍ ବେଲେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉପସ୍ଥିତ୍ ଥିଲେ । ମେଲେରିଆ, ଫାଇଲେରିଆ, ଟି.ବି. ଆର୍ କୁଷ୍ଠରୋଗର୍ ନିରାକରଣ୍ ଲାଗି ସାଧାରଣ୍ ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ଭୋଟର୍ ତାଲିକା-ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାର୍ ସ୍ୱତନ୍ତ୍ର ଚିଠା ଭୋଟର୍ ତାଲିକା ପ୍ରକାଶନ ଆର୍ ସଂଶୋଧନ୍ ଉପ୍‌ରେ ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ । ଇ ବୈଠକ୍‌ଥି ଭିନ୍ ଭିନ୍ ରାଜନୈତିକ୍ ଦଲର୍ ପ୍ରତିନିଧି ମାନେ ଯୋଗ୍ ଦେଇଥିଲେ । ଜିଲ୍ଲା ନ ଗଲା ଅଗଷ୍ଟ ୨୦ ତାରିଖ୍‌ନୁ ଅକ୍ଟୋବର୍ ୧୮ ତାରିଖ୍ ଭିତ୍‌ରେ ବିଏଲ୍‌ଓମାନେ ଘର୍ ଘର୍ ବୁଲିକରି ନୂଆଁ ଭୋଟର୍ ତାଲିକା ତିଆର୍ ଆର୍ ଦର୍‌କାରୀ ତଥ୍ୟ ସଂଗ୍ରହ କରିଛନ୍ । ଆଏବା ୨୮ ତାରିଖ୍ ଭିତ୍‌ରେ ଇ ତାଲିକାଥି ଦର୍‌କାରୀ ସଂଶୋଧନ୍ କରିକରି ୨୯ ତାରିଖ୍ ଦିନ ଭୋଟର୍ ତାଲିକା ବାହାର୍ କରାଯିବା ବଲି ଜିଲ୍ଲାପାଲ୍ କହିଛନ୍ । ସେନ୍ତା ଯେନ୍‌ମାନ୍‌କର୍ ଭୋଟର୍ ତାଲିକାଥି ତଥ୍ୟ ଭୁଲ୍

ଥିବା ସେମାନେ ଆଏବା ନଭେମ୍ବର୍ ୨୮ ତାରିଖ୍ତକ୍ ଆବେଦନ୍ କରିପାର୍‌ବେ ବଲି ଜନାପଡ଼ିଛେ ।

ଭୋଟର୍ ତାଲିକା ସଂଶୋଧନ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ନ ଭୋଟର୍ ତାଲିକା ସଂଶୋଧନ୍ ଲାଗି ଗୁଟେ ସର୍ବଦଲୀୟ ବୈଠକ୍ ଆଏଜ୍ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସଂକ୍ଷିପ୍ତ ଭୋଟର୍ ତାଲିକା ସଂଶୋଧନ୍ କାର୍ଯ୍ୟକ୍ରମ୍ ଉପ୍‌ରେ ଆଲୋଚନା କରାଯାଇଛେ । ଫିʼ ବଛର୍ ବାଗିର୍ ୧୭ ନୁ ୧୮ ବଛର୍ ବର୍ଗର୍ ନୂଆଁ ଭୋଟର୍ ମାନ୍‌କୁ ଭୋଟର୍ ତାଲିକାଥି ସାମିଲ୍ କରାଯିବା । ଯେନ୍‌ମାନ୍‌କର୍ ବୟସ୍ ୧୭ ବଛର୍‌ନୁ ଅଏତ୍‌କା ହେଇଥିବା ସେମାନେ ଆଗୁଆ ପଞ୍ଜିକରଣ୍ କରିପାର୍‌ବେ ବଲି ବୈଠକ୍‌ନୁ ସୂଚ୍‌ନା ମିଲିଛେ । ଇଥିର୍‌ଲାଗି ଆଏବା ୨୯ ତାରିଖ୍ ସଖାଲର୍ ୭ ବଜେ ନୂଆଁ ଭୋଟର୍ ମାନ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗୁଟେ ପଦଯାତ୍ରା କରାଯିବା ।

କୃଷି ଯନ୍ତ୍ରପାତି ମେଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆୟୋଜନ୍ ଲାଗି ଆଏଜ୍ ଗୁଟେ ତୟାରି ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍ଥି ବୌଦ୍ଧ ବିଧାୟକ୍ ତଥା ଶାସକ ଦଲର୍ ମୁଖ୍ୟ ସଚେତକ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଆଏବା ଡିସେମ୍ବର୍ ୩ ତାରିଖ୍ନୁ ୭ ତାରିଖ୍ତକ୍ ବୌଦ୍ଧ କଚ୍ରୀ ପଡ଼ିଆ ନ କୃଷି ଯନ୍ତ୍ରପାତି ମେଳା ଆୟୋଜନ୍ ହେବା ବଲି ନିଷ୍ପତି ନିଆଯାଇଛେ ।

ବାର୍ଷିକ ବିଜ୍ନେସ୍ କନ୍କ୍ଲେଭ୍ ସମ୍ବଲପୁର ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍ପୁର୍ ନ ଭାରତୀୟ ଶିଳ୍ପ ମହାସଂଘ ସହଯୋଗ୍ଥି ବାର୍ଷିକ ବିଜ୍ନେସ୍ କନ୍କ୍ଲେଭ୍ ଆଏଜ୍ ଉଦ୍ଘାଟିତ୍ ହେଇଛେ । ଇ ସମାରୋହଥି ୩୦ ଟା ଷ୍ଟାଟଅପ୍ ଭାଗ୍ ନେଇଛନ୍ । 'ରି-ଡିଫାଇନିଙ୍ଗ୍ ଷ୍ଟ୍ରାଟେଜିକ୍ ପାର୍ଟନରସିପ୍ ଫର୍ ବିଜ୍ନେସ୍ ଏକ୍ସଲେନ୍ସ' ଶୀର୍ଷକ ଇ କାର୍ଯ୍ୟକ୍ରମ୍ର ବିଷୟବସ୍ତୁ ରହିଛେ । ଶିଳ୍ପ ଲିଡ଼ର୍ ଆର୍ ଶିକ୍ଷାବିତ୍ମାନ୍କୁ ଏକ୍ଠନିଆ କରିକରି ଉଦୀୟମାନ୍

ବ୍ୟବସାୟିକ ଧାରା ଆର୍ ଆହ୍ୱାନ୍ ଉପ୍ରେ ବୁଝାମଣାମୂଲକ୍ ଆଲୋଚନାଥି ସାମିଲ୍ କର୍ବାର୍ଟା ଇ କାର୍ଯ୍ୟକ୍ରମ୍ର ଉଦ୍ଦେଶ୍ ଆଏ ବଲି ଆଇଆଇଏମ୍ ତର୍ଫୁ କୁହାଯାଇଛେ ।

ସୈରିନ୍ଧ୍ରୀ ନାଏକ୍ ଫୁଟ୍‌ବଲ୍ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ବର୍ଷିଆନ୍ କ୍ରୀଡ଼ା ସଂଘ ତର୍ଫୁ ସିଂପାଲି କିଷାନ୍ କ୍ଲବ୍ ଫୁଟ୍‌ବଲ୍ ପଡ଼ିଆ ନ ଚାଲିଥିବା ୨୫ ନମ୍ବର୍ ସୈରୀନ୍ଧ୍ରୀ ନାଏକ୍ ଟ୍ରଫି ହାଇସ୍କୁଲ୍ ସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ର ଆଝିର୍ ଖେଲ୍‌ଥି ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍ ୫/ଶୂନ୍ ଗୋଲ୍‌ଥି ସେଂଟ୍ ଯୋଶେଫ୍ କନ୍‌ଭେଂଟ୍ ସ୍କୁଲ୍ ଦଲ୍‌କେ ହରେଇଛେ । ଆଉ ଗୁଟେ ଖେଲ୍‌ଥି ସେଭେନ୍‌ହିଲ୍ ପବ୍ଲିକ୍ ସ୍କୁଲ୍ ୫/୧ ଗୋଲ୍‌ଥି ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ୍‌କେ ହରେଇଛେ । ଇ ଦୁହି ଦଲ୍ ସେମିଫାଇନାଲ୍‌ଥି ପୁହୁଁଚିଛନ୍ । ଇ ଟୁର୍ଣ୍ଣାମେଂଟ୍ ଆଏବା ୨୯ ତାରିଖ୍‌ତକ୍ ଚାଲ୍‌ବା ।

ହେଲ୍‌ମେଟ୍ ନିର୍ମାତା-କାର୍ଯ୍ୟାନୁଷ୍ଠାନ୍ ଆର୍ଏନ୍ୟୁ/ସମ୍ବଲ୍ପୁର୍

କେନ୍ଦ୍ର ଉପଭୋକ୍ତା ବ୍ୟାପାର୍ ବିଭାଗ୍ ଦେଶର୍ ସବୁ ଜିଲ୍ଲାର୍ ଜିଲ୍ଲାପାଲ୍ ଆର୍ ଜିଲ୍ଲାସ୍ତରୀୟ ମାଜିଷ୍ଟ୍ରେଟ୍‌ମାନ୍‌କୁ

ଅଣମାନ୍ୟତାପ୍ରାପ୍ତ ହେଲ୍‌ମେଟ୍ ନିର୍ମାତା ଆର୍ ବିକ୍ରେତାମାନ୍‌କର୍ ଉପ୍‌ରେ କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଖାସ୍ କରି ଦୁଇ ଚକିଆ ଗାଡ଼ି ଚାଲକ୍‌ମାନେ ବେଭାର୍ କରୁଥିବା ହେଲ୍‌ମେଟ୍ ତିଆରି ଆର୍ ବିକ୍ରି ଉପ୍‌ରେ ଇ ପଦକ୍ଷେପ୍ ନେବାର୍ ଲାଗି କୁହାଯାଇଛେ । ସୁରକ୍ଷା ଦୃଷ୍ଟିନୁ ୨ ଚକିଆ ଗାଡ଼ି ଚାଲକ୍‌ମାନେ ବେଭାର୍ କରୁଥିବା ହେଲ୍‌ମେଟ୍ ଉପଭୋକ୍ତା ମନ୍ତ୍ରଣାଳୟର୍ ମାନଦଣ୍ଡ ପୂରଣ୍ ନାଇଁ କରୁଥିବାର୍ ନୁ ଇ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ ।